# ଚାଲିଛି ଇସ୍ତଫା, ଦଳଡିଆଁ ପର୍ବ

■ଭାଜପା, ବିଜେଡି ଛାଡ଼ୁଛନ୍ତି ଅସନ୍ତୁଷ୍ଟ ନେତା
■ଗୋଳମାଳିଆ ହେଉଛି ଭୋଟ ଗଣିତ

ଅନୁଗୋଳ,୬।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ରାଜନୀତିରେ ଏବେ ଜୋର୍‌ଧରିଛି ଇସ୍ତଫା ଓ ଦଳଡିଆଁ ପର୍ବ। ବିଶେଷକରି ବିଜେଡି ଓ ଭାଜପାର ପ୍ରାର୍ଥୀ ଘୋଷଣା ପରେ ଅସନ୍ତୁଷ୍ଟ ନେତା ଦଳରୁ ଇସ୍ତଫା ଦେଇ ଅନ୍ୟ ଦଳରେ ସାମିଲ ହେଉଛନ୍ତି। ବିଜେଡିର ସମ୍ପୂର୍ଣ୍ଣ ପ୍ରାର୍ଥୀ ଘୋଷଣା ସରି ନ ଥିବାରୁ ଓ କଂଗ୍ରେସ ଏଯାଏ ଜିଲା ପାଇଁ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ଆଗାମୀ ଦିନରେ ଏହି ଇସ୍ତଫା ଓ ଦଳଡିଆଁ ପର୍ବ ଅଧିକ ଦେଖିବାକୁ ମିଳିବାର ସମ୍ଭାବନା ରହିଛି। ଫଳରେ ଏହା ଜିଲାରେ ଭୋଟ ଗଣିତକୁ ଗୋଳମାଳିଆ କରିଦେବାର ଆଶଙ୍କା କରାଯାଉଛି।

୨୦୨୪ ନିର୍ବାଚନକୁ ନେଇ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ଜାରି ରହିଛି। ବିଶେଷକରି ଅନୁଗୋଳ ଜିଲାରେ ଥିବା ୫ ବିଧାନସଭା ନିର୍ବାଚନମଣ୍ଡଳୀରୁ ଛେଣ୍ଡିପଦା, ପାଲଲହଡ଼ା ଓ ଆଠମଲ୍ଲିକ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିସାରିଛି। ହେଲେ ଅନୁଗୋଳ ଓ ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀ


ରମେଶ ଚନ୍ଦ୍ର ସାଏ।


ଭାଗୀରଥି ପ୍ରଧାନ।


ରବି ନାରାୟଣ ପାଣି।

ପାଇଁ ପ୍ରାର୍ଥୀ ଘୋଷଣା କରିବାକୁ ଦଳକୁ ବେଶ୍ କସରତ କରିବାକୁ ପଡୁଛି। ଏପରି କି ୩ୟ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା ସରିଥିଲେ ସୁଦ୍ଧା ବିଜେଡି ଅନୁଗୋଳ ଓ ତାଳଚେର ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରି ନାହିଁ। ତେବେ ଦଳ ପାଇଁ ଜିଲାର ପାଲଲହଡ଼ା ଓ ଛେଣ୍ଡିପଦାରେ କିଛି ସମସ୍ୟା ଦେଖିବାକୁ ମିଳି ନ ଥିବା ବେଳେ ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ବିଜେଡିକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଏଠାରେ ବିଧାୟକ ଥିବା ରମେଶ ଚନ୍ଦ୍ର ସାଏଙ୍କୁ ଦଳ ଆଉ ଥରେ ଟିକେଟ୍ ଦେଇନାହିଁ। ତାଙ୍କ ସ୍ଥାନରେ ବରିଷ୍ଠ ନେତା ନଳିନୀକାନ୍ତ ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଅସନ୍ତୁଷ୍ଟ ହୋଇ ବିଧାୟକ ସାଏ ବିଜେଡି ଛାଡ଼ିଛନ୍ତି। ତାଙ୍କ ସହ ବହୁ ସମର୍ଥକ ତଥା ସ୍ଥାନୀୟ ନେତା ମଧ୍ୟ ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ଅନୁଗୋଳ ଜିଲାର ସମସ୍ତ ୫ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଘୋଷଣା କରିସାରିଥିବା ଭାଜପା ମଧ୍ୟ ଇସ୍ତଫା ସମସ୍ୟାର ସମ୍ମୁଖୀନ ହୋଇଛି। ଦଳର ୨ ବରିଷ୍ଠ ନେତା ଭାଗୀରଥି ପ୍ରଧାନ ଓ ରବି ନାରାୟଣ ପାଣି ଦଳ ଛାଡ଼ିଛନ୍ତି। ଦୁହେଁ ଗୋଟିଏ ଦିନରେ ନିଜ ଇସ୍ତଫା ପତ୍ର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟକୁ ପଠାଇ ଦେଇଛନ୍ତି। ଦଳରେ ସେମାନଙ୍କୁ ଅବହେଳା କରାଯାଉଥିବା ଦୁହେଁ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ସେମାନେ ଅନ୍ୟ ଦଳରେ ଯୋଗଦେଇପାରନ୍ତି ବୋଲି ଜିଲାରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ କଂଗ୍ରେସ ଏଯାଏ ଅନୁଗୋଳ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। ତଥାପି ଦଳରେ ଅସନ୍ତୋଷ ରହିଥିବା ଆଲୋଚନା ହେଉଛି। ଏପରି କି ଜିଲା କଂଗ୍ରେସ ସଭାପତି ପଦବୀରୁ ସଂଗ୍ରାମ ମିଶ୍ର ଗତ ୨ ତାରିଖରେ ଇସ୍ତଫା ଦେବା ଏହାର ପ୍ରମାଣ ବୋଲି କୁହାଯାଉଛି। ଯଦିଓ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି ତଥାପି ଏହା ମଧ୍ୟରେ ରହସ୍ୟ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ବିଜେଡି ଅନୁଗୋଳ ଓ ତାଳଚେର ପାଇଁ ପ୍ରାର୍ଥୀ ଘୋଷଣା କରିବାର ଥିବାରୁ ଏହି ଇସ୍ତଫା ଓ ଦଳଡିଆଁ ପର୍ବ ବ୍ୟାପକ ହୋଇପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

# 'ବିକାଶ ସୂଚକାଙ୍କରେ ପାଲଲହଡ଼ା ଅନେକ ପଛରେ'

ଖମାର,୬।୪ (ରଜନୀକାନ୍ତ ମହାରଣା)

ପାଲଲହଡ଼ା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଦଳର ୪୫ତମ ପ୍ରତିଷ୍ଠା ଦିବସ ଓ କାର୍ଯ୍ୟକର୍ତ୍ତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ସଂଯୋଜକ ଚନ୍ଦନ ସ୍ୱରାଜଙ୍କ ଦ୍ୱାରା ପରିଚାଳିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ରାଜ୍ୟ ଭାଜପା ଉପସଭାପତି ତଥା ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ପ୍ରଭାରୀ ଗୋଲକ ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ଢେଙ୍କାନାଳ ଲୋକ ସଭା ଭାଜପା ପ୍ରାର୍ଥୀ ରୁଦ୍ରନାରାୟଣ ପାଣି, ପାଲଲହଡ଼ା ବିଧାନସଭା ପ୍ରାର୍ଥୀ ଅଶୋକ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ, ବିକାଶ ସୂଚକାଙ୍କରେ ପାଲଲହଡା ବହୁତ ପଛରେ ଅଛି। ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, କୃଷି ବ୍ୟବସ୍ଥା ଓ ବିକାଶମୂଳକ କାର୍ଯ୍ୟରେ ମଧ୍ୟ ବହୁତ ପଛରେ ପଡିଛି। ତେଣୁ ସବୁ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଡବଲ ଇଞ୍ଜିନ ସରକାର ଆବଶ୍ୟକ। ତେଣୁ ନିର୍ବାଚନମଣ୍ଡଳୀବାସୀ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅତିଥିମାନେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଭାଜପା ଉପସଭାପତି ଲିଙ୍ଗରାଜ ଦାସ, ନୃସିଂହ ବରାଳ, ଜିଲା ସମ୍ପାଦିକା ଶୋଭାଗିନୀ ପ୍ରଧାନ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ମଣ୍ଡଳ ସଭାପତି ଗୌରଚନ୍ଦ୍ର ପ୍ରଧାନ, ତ୍ରିପୁରାରୀ ପ୍ରଧାନ, ପ୍ରହ୍ଲାଦ ସାମଲ, ପଞ୍ଚାନନ ସାହୁ, ଧର୍ମେନ୍ଦ୍ର ସାହୁ, ଜିଲା କମିଟି ସଦସ୍ୟ ଧ୍ରୁବ ଚରଣ ଧୀର ପ୍ରମୁଖଙ୍କ ସହ ୧୫ଶହରୁ ଅଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


ସମାବେଶରେ ଯୋଗ ଦେଇଥିବା ଭାଜପା ନେତମାନେ।

# ଭାଜପା ପ୍ରତିଷ୍ଠା ଦିବସରେ ପୂଜାର୍ଚ୍ଚନା



ତାଳଚେର,୬।୪ (ମନୋଜ ନନ୍ଦ)

ତାଳଚେର ହନୁମାନ ମନ୍ଦିରଠାରେ ଭାଜପାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ତାଳଚେର ପୌର ମଣ୍ଡଳର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ହନୁମାନ ମନ୍ଦିରରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ପୂଜାର୍ଚ୍ଚନା କରିବା ସହ ଦଳର ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ପୌର ମଣ୍ଡଳ ସଭାପତି ସତ୍ୟବନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଜପା ଅନୁଗୋଳ ଜୋନ୍ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ରାଜ୍ୟ ପରିଷଦ ସଦସ୍ୟ ଅଖିଳ ସାମଲ, କାଳନ୍ଦୀ ପ୍ରଧାନ, ଦୟା ସାଗର ମିଶ୍ର, ନିରୋଜ ଦାସ, ଜ୍ଞାନେନ୍ଦ୍ରିୟ ସେଠୀ, ଜଗଦିଶ୍ୱର ସାହୁ, ସଂଯୁକ୍ତା ମହାରଣା, ମୃଣାଳିନୀ ପଟ୍ଟନାୟକ, ମିଲ୍ଲୀ ପ୍ରଧାନ, କାଉନସିଲର ଅନିତା ବିଶ୍ୱାଳ, କବିତା ବେହେରା, ଅଶୋକ ସାମନ୍ତ, ଅଜୟ ସାହୁ, ବିଜୟ ନାଏକ, କ୍ଷେତ୍ରବାସୀ ନାଏକଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ଡବଲ ଇଞ୍ଜିନ ସରକାର ଆସିଲେ ବିକାଶ ହେବ

## ଆଠମଲ୍ଲିକରେ ରମେଶ ସାଏଙ୍କୁ ଭାଜପାର ସ୍ୱାଗତ

ଆଠମଲ୍ଲିକ,୬।୪(ଉଦୀପ୍ତ ପୁରୋହିତ)

ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିବା ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ସଞ୍ଜିବ ସାହୁଙ୍କ ସହ ଶନିବାର ଆଠମଲ୍ଲିକ ଆସିଥିବାବେଳେ ନଗର ଓ ବ୍ଲକ ଭାଜପା ପକ୍ଷରୁ ଉଭୟ ନେତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଛକ ନିକଟରେ ଭାଜପାର କର୍ମକର୍ତ୍ତା ଓ ବହୁ ସମର୍ଥକ ଏକତ୍ରିତ ହୋଇ ବିଧାୟକ ସାଏ ଓ ଭାଜପା ପ୍ରାର୍ଥୀ ସାହୁଙ୍କୁ ସ୍ୱାଗତ କରି ଏକ ବିରାଟ ବାଇକ ଶୋଭାଯାତ୍ରାରେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ମନ୍ଦିର ନିକଟକୁ ପାଛୋଟି ନେଇଥିଲେ। ସେଠାରେ ଉଭୟ ନେତା ମା' ମାହେଶ୍ୱରୀଙ୍କୁ ପୂଜାର୍ଚ୍ଚନା ସହ ଦର୍ଶନ କରିଥିଲେ।

ଏହି ଅବସରରେ ବିଧାୟକ ସାଏ କହିଥିଲେ, ବୀରଭୂମୀ ଆଠମଲ୍ଲିକ ମାଟିର ଆହୁରି ବିକାଶ କରାଯିବ। ଆଗକୁ ଡବଲ ଇଞ୍ଜିନ ସରକାର ଆସିଲେ ଏହି ବିକାଶ କାର୍ଯ୍ୟକୁ ଆଗେଇ ନିଆଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସବ୍‌କା ସାଥ ଓ ସବ୍‌କା ବିକାଶ ନାରା ଏବଂ ତାଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛି। ଭାଜପା ପ୍ରାର୍ଥୀ ସାହୁ କହିଥିଲେ, ବିଧାୟକ ସାଏ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂହ ଭାଜପାରେ ସାମିଲ ହେଲା ପରେ ଦଳର ଶକ୍ତି ବୃଦ୍ଧି ହୋଇଛି। ଏହାପରେ ଦରୁହାସ୍ଥିତ ମା' ବିନ୍ଧ୍ୟେକେୟୀ ପୀଠରେ ଅନୁଷ୍ଠିତ ଭାଜପାର ପ୍ରତିଷ୍ଠା ଦିବସରେ ଉଭୟ ନେତା ଯୋଗଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ନଗର ଭଜାପା ସଭାପତି ଅବନୀ କୁମାର ପ୍ରଧାନ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସନ୍ତୋଷ କୁମାର ହୋତା, ମଣ୍ଡଳ ସଭାପତି ବିଜୟା ନନ୍ଦ ପ୍ରଧାନ, ଭାଜପା ନେତା ବୃନ୍ଦାବନ ସାହୁ, ରମେଶ ଗୋପାଳ, କାଉନସିଲର ନୂତନ ବେହେରା, ଜିଲା ସଂପାଦକ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ନଗର ସମ୍ପାଦକ ପିନା ପାଣିଗ୍ରାହୀ, ଆଇନଜୀବୀ ବିଦ୍ୟୁତ୍ ପାଣିଗ୍ରାହୀ, ଆଇନଜୀବୀ ପ୍ରମୋଦ ପ୍ରଧାନ, ଭାଜପା ନେତା ସଙ୍କୀର୍ତ୍ତନ ମେଣ୍ଟୁଲୀ, ସୁଶାନ୍ତ ପ୍ରଧାନ, ଗୁପ୍ତେଶ୍ୱର ଘିୱେଲା, ଅର୍ଜୁନ ମଲ୍ଲିକ, ସୁଶୀଲ ମହାକୁଡ, ପରମାନନ୍ଦ ବଘାର, ରବି ସୀଠ, ରବି ସାହୁ, ସୁଶାନ୍ତ ହୋତା, ତାପସ ସିଂହଙ୍କ ସମେତ ବହୁ ଦଳୀୟ ସମର୍ଥକ ଯୋଗଦେଇଥିଲେ।


ଆଠମଲ୍ଲିକ ଭାଜପା ପକ୍ଷରୁ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ ସ୍ୱାଗତ କରାଯାଉଛି।

# କାର୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

ବଇଣ୍ଡା,୬।୪(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି-ଠାକୁରଗଡ଼ ପୂର୍ତ୍ତବିଭାଗ ରାସ୍ତାର ବଡ଼ଡ଼ଙ୍ଗୀଆଣି ନିକଟରେ ଶୁକ୍ରବାର ରାତିରେ ଏକ କାର୍ ଭାରସ୍ୟାମ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କାର୍ ଚାଳକ ରେଢ଼ାଖୋଲ ଥାନା ଲାଣ୍ଡିମାଳ ଗ୍ରାମର ରାଜେଶ୍ୱର ମିର୍ଦ୍ଧାଙ୍କ ମୃତ୍ୟୁ ହୋଇଛି। ଘଟଣାରୁ ଜଣାପଡିଛି, ରାଜେଶ୍ୱର ରେଢ଼ାଖୋଲରୁ ଏକ କାର୍ ଯୋଗେ ତାଙ୍କ ଶ୍ୱଶୁର ଘର କଣ୍ଡାଳ ଗ୍ରାମକୁ ଆସୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ନଂ.୧୩୭/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।



# ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କୁ ଦେଉଛନ୍ତି ତାଲିମ

## କଠିନ ପରିଶ୍ରମ ଦେଇଛି ସ୍ୱାଗତିକାଙ୍କୁ ସଫଳତା

ତାଳଚେର,୬।୪ (ମନୋଜ ନନ୍ଦ)

କଠିନ ପରିଶ୍ରମ କରି ନିଜେ ରୋଜଗାରକ୍ଷମ ହୋଇପାରିଛନ୍ତି। ମାସିକ ୫ରୁ ୭ ହଜାର ଟଙ୍କା ରୋଜଗାର କରିବା ସହ ଅନ୍ୟମାନଙ୍କୁ ତାଲିମ ଦେଇ ରୋଜଗାରକ୍ଷମ କରାଇବାକୁ ଲକ୍ଷ୍ୟ ରଖିଛନ୍ତି ତାଳଚେର ବ୍ଲକ ବଲ୍ଲର ଗ୍ରାମର ଜ୍ଞାନୀନ୍ଦ୍ର ଦାସଙ୍କ ଝିଅ ସ୍ୱାଗତିକା ଦାସ।

ସ୍ୱାଗତିକାଙ୍କ କହିବା ଅନୁଯାୟୀ, ସେ ଦଶମ ଶ୍ରେଣୀ ଯାଏ ପାଠ ପଢ଼ିଥିଲେ। ଆର୍ଥିକ ଅବସ୍ଥା ସଚ୍ଛଳ ନ ଥିବାରୁ ଆଉ ଆଗକୁ ପଢ଼ିପାରି ନ ଥିଲେ। ହେଲେ ନିଜେ କିଛି କାମ କରି ଘର ଖର୍ଚ୍ଚ ତୁଲାଇବା ସହ ସାନ ଭାଇକୁ ଅଧିକ ପଢ଼ାଇବା ପାଇଁ ମନସ୍ଥ କଲେ। ଏଥିପାଇଁ ବିୟୁଟିପାର୍ଲର୍ ଖୋଲିବାକୁ ସ୍ଥିର କଲେ। ଏନ୍‌ଟିପିସି ତାଳଚେର ଥର୍ମାଲର ପାରିପାର୍ଶ୍ୱିକ



ଉନ୍ନୟନ ଯୋଜନାରେ ଗ୍ରାମାଞ୍ଚଳର ମହିଳାଙ୍କ ଉନ୍ନତି ପାଇଁ ତାଲିମ ବାବଦରେ ସାମାଜିକ ଅନୁଷ୍ଠାନ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେଶନର କର୍ମକର୍ତ୍ତାଙ୍କଠୁ ଅବଗତ ହେବା ସହ ବିୟୁଟିପାର୍ଲରର ପାଇଁ ପ୍ରଶିକ୍ଷଣ ନେବାକୁ ନାମ ପଞ୍ଜୀକରଣ କଲେ। ଏହାପରେ ୧୫ ଦିନିଆ ତାଲିମ ନେବା ପରେ ବଲ୍ଲର ଛକରେ ବିୟୁଟିପାର୍ଲର ଖୋଲି ଏବେ ରୋଜଗାରକ୍ଷମ ହୋଇପାରିଛନ୍ତି। ଏଥିସହ ରୋଜଗାରକ୍ଷମ ହେବାକୁ ଆଗ୍ରହ ପ୍ରକାଶ କରୁଥିବା ଝିଅମାନଙ୍କୁ ନିଜ ଘରେ ତାଲିମ ଦେଉଛନ୍ତି। ଏହି ସଫଳତା ପଛରେ ତାଲିମଦାତ୍ରୀ ସୁନୀତା ବାରିକଙ୍କ ଅକ୍ଳାନ୍ତ ପରିଶ୍ରମ, ସାମାଜିକ ଅନୁଷ୍ଠାନର ପ୍ରୋଗ୍ରାମ ଅଫିସର ମମତା ଦାସଙ୍କ ସହଯୋଗ ଓ ଏନ୍‌ଟିପିସି ତାଳଚେର ଥର୍ମାଲ କର୍ମକର୍ତ୍ତାଙ୍କ ସାହାଯ୍ୟ ଓ ସହଯୋଗ ତାଙ୍କୁ ଉତ୍ସାହିତ କରିଥିବା ସ୍ୱାଗତିକା ପ୍ରକାଶ କରିଛନ୍ତି।

# ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କଲେ ସ୍ୱେଚ୍ଛାସେବୀ ସଙ୍ଗଠନ

ବଆଁରପାଳ/ ଅନୁଗୋଳ,୬।୪(ଅମିତ କୁମାର ସାମଲ)

ବଆଁରପାଳ ବ୍ଲକ ନାଲ୍‌କୋ ଥାନା ସିନେ ପ୍ଲେକ୍ସ ସମ୍ମୁଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ପଶ୍ଚିମବଙ୍ଗର ସାଜରୁଲ ଶେଖଙ୍କୁ ଉଦ୍ଧାର କରିଛି ସ୍ୱେଚ୍ଛାସେବୀ ସଙ୍ଗଠନ। ସାଜରୁଲଙ୍କ କହିବା ଅନୁଯାୟୀ, ସେ କାମସାରି ଚାଲି ଚାଲି ଭଡ଼ା ଘରକୁ ଯାଉଥିବା ବେଳେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲ। ଶନିବାର ସକାଳେ ଏହାଦେଖି ଖବରଦାତା ସୁଧାକର ସାହୁ ଓ ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ପହଞ୍ଚି ସାମାଜିକ କର୍ମୀ ଚିନ୍ମୟୀ ଦାସଙ୍କ ସହାୟତାରେ ସାଜରୁଲଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇ ଚିକିତ୍ସା କରାଇଥିଲେ। ଏଥିସହ ଦୁର୍ଘଟଣାଗ୍ରସ୍ତ ସାଜରୁଲଙ୍କ ଭାଇଙ୍କ ସହ ଯୋଗାଯୋଗ କରାଯାଇଥିବା ସାମାଜିକ କର୍ମୀ ଚିନ୍ମୟୀ ଦାସ ପ୍ରକାଶ କରିଛନ୍ତି।



# ଓଡ଼ିଆ ନବବର୍ଷ ପାଳନ ପାଇଁ ପ୍ରସ୍ତୁତି



ଅନୁଗୋଳ,୬।୪ (ଅମିତ କୁମାର ସାମଲ)

ଆସନ୍ତା ୧୪ ତାରିଖ ଓଡ଼ିଆ ନବବର୍ଷ, ମହା ବିଷୁବ ମିଳନ ମହୋତ୍ସବ, ଓଡ଼ିଶା ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ନିମନ୍ତେ ଅନୁଗୋଳର ସାଂସ୍କୃତିକ ଅନୁଷ୍ଠାନ ଆମ ସଂସ୍କୃତି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମାରୱାଡି ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରତିବର୍ଷ ପରି ଏହି ବର୍ଷ ମଧ୍ୟ ଓଡ଼ିଆ ନବବର୍ଷ, ମହାବିଷୁବ ମିଳନ ମହୋତ୍ସବ ମହାସମାରୋହ ଅନୁଗୋଳ ସଭାଘର ଠାରେ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସଂସ୍କୃତି, ପରମ୍ପରା ସମ୍ପର୍କିତ ସଙ୍ଗୀତ, ଭଜନ, ନୃତ୍ୟକଳା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ବୈଠକରେ ସାଧାରଣ ସମ୍ପାଦକ ବସନ୍ତ ଦାସ, ତେତ୍ରାନନ୍ଦ ସାମନ୍ତ, ଗୋପାଳ ନାଥ, ଚଣ୍ଡିକା ନନ୍ଦ, ରାମକୃଷ୍ଣ ତ୍ରିପାଠୀ, ରୋହିତ ଦାଶ,ସାଇ ସୱରୂପ ସାହୁ, ଚିନ୍ମୟ ଦାସ, ରାହୁଲ ଦେବଜ୍ୟୋତି ପ୍ରମୁଖ ଉପସ୍ଥିତ ଥିଲେ।

# ଦାୟିତ୍ୱ ନେଲେ ନୂଆ ଏସ୍‌ପି ଉମାଶଙ୍କର

ଅନୁଗୋଳ, ୬।୪ (ଅମିତ କୁମାର ସାମଲ)

ଅନୁଗୋଳ ଏସ୍‌ପି ଭାବେ ଉମାଶଙ୍କର ଦାଶ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲା ପୋଲିସ କାର୍ଯ୍ୟାଳୟରେ ପହଞ୍ଚି ସେ ଜିଲାର ନୂଆ ଏସ୍‌ପି ଭାବେ ଦାୟିତ୍ୱ ନେଇଥିଲେ। ଏଠାରେ ଥିବା ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ଅନ୍ୟତ୍ର ବଦଳି କରାଯିବା ପରେ ଦାଶ ନୂଆ ଏସ୍‌ପି ଭାବେ ଯୋଗ ଦେଇଛନ୍ତି। ଅନୁଗୋଳ ଜିଲାରେ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ଜନସାଧାରଣଙ୍କୁ ଉପଯୁକ୍ତ ପୋଲିସ ସେବା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।



# ଭଙ୍ଗା ପୋଲ ମରାମତି ନ ହେଲେ ଆନ୍ଦୋଳନ



ବଆଁରପାଳ/ ଅନୁଗୋଳ,୬।୪(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଆଁରପାଳ ବ୍ଲକ କାଣ୍ଡସର ଗ୍ରାମରୁ କନ୍ୟାବେଢ଼ା ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଥିବା ଏକ ପୋଲ ମରଣଯନ୍ତା ପାଲଟିଛି। ପ୍ରାୟ ୨୨ ବର୍ଷ ତଳେ ନାଲ୍‌କୋ ପାରିପାର୍ଶିକ ଉନ୍ନୟନ ପାଣ୍ଠିରୁ ଏହା ନିର୍ମାଣ ହୋଇଥିଲା। ଜରାଜୀର୍ଣ୍ଣ ହୋଇପଡ଼ିଥିବା ଏହି ପୋଲ ପ୍ରତି ଆବଶ୍ୟକ ଦୃଷ୍ଟି ଦିଆଯାଇ ନ ଥିବା ବେଳେ ୫୫ନଂ ଜାତୀୟ ରାଜପଥ ଜାମ ଯୋଗୁ ସପ୍ତାହେ ହେଲା ଅନେକ ଭାରିଯାନ କାଣ୍ଡସର-କନ୍ୟାବେଢ଼ା ଗ୍ରାମ ରାସ୍ତା ଦେଇ ଚଳାଚଳ କରୁଛି। ଫଳରେ ଉକ୍ତ ପୁରୁଣା ପୋଲ ଭାଙ୍ଗି ଯାଇଛି। ଏହି ରାସ୍ତା ଉପରେ ପ୍ରାୟ ୧୦ ଖଣ୍ଡ ମୌଜାର ଲୋକ ଦୈନିକ ଯିବାଆସିବା କରୁଥିବା ବେଳେ କାଣ୍ଡସର ଗ୍ରାମରୁ ଏଫସିଆଇକୁ ସଂଯୋଗ କରୁଥିବା ଏହା ହେଉଛି ଏକମାତ୍ର ରାସ୍ତା। ଏବେ ପୋଲ ଭାଙ୍ଗିଯାଇଥିବାରୁ ସହସ୍ରାଧିକ ଲୋକ ଯାତାୟାତରେ ହଇରାଣ ହରକତ ହେଉଛନ୍ତି। ତୁରନ୍ତ ଏହି ବିପଦସଙ୍କୁଳ ପୋଲର ମରାମତି କରିବାକୁ ଗ୍ରାମବାସୀ ପୂର୍ତ୍ତ ଓ ବଆଁରପାଳ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଏପରି କି ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଏହା ଉପରେ ନିର୍ଭରଶୀଳ ଗ୍ରାମବାସୀ ଚେତାବନୀ ଦେଇଥିବା କାଣ୍ଡସର ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ବେହେରା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଲୋଚନ ଦାସ କହିଛନ୍ତି, ଉକ୍ତ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଜିଲା ପୂର୍ତ୍ତ ବିଭାଗ ଅଧିକାରୀ କହିଛନ୍ତି, ଭାଙ୍ଗି ଯାଇଥିବା ପୋଲ ପୂର୍ତ୍ତ ବିଭାଗ ନୁହେଁ ନାଲ୍‌କୋ ପକ୍ଷରୁ ନିର୍ମାଣ କରାଯାଇଥିଲା। ତେବେ ନାଲ୍‌କୋ ଲୋକ ସମ୍ପର୍କ ବିଭାଗ ଅଧିକାରୀଙ୍କ ସହ ଯୋଗଯୋଗ ସମ୍ଭବ ହୋଇପାରୁ ନ ଥିବାରୁ ମତାମତ ମିଳିପାରି ନାହିଁ।

# କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ୟାଙ୍କ ଠକେଇର ତଦନ୍ତ

**ପୂର୍ବାହ୍ନ ୧୦ଟାରୁ ରାତି ୭ଟା ପର୍ଯ୍ୟନ୍ତ ଆଇସିଆଇସିଆଇ ଶାଖାରେ ଖୋଳତାଡ଼**

ଢେଙ୍କାନାଳ,୬।୪(ରତନ ନାୟାର)




ଆଇସିଆଇସିଆଇ ବ୍ୟାଙ୍କ ଢେଙ୍କାନାଳ ଶାଖାରେ ତଦନ୍ତ ବେଳେ ରିମାଣ୍ଡରେ ଆଣିଥିବା ଅଭିଯୁକ୍ତଙ୍କୁ ଧରି କ୍ରାଇମବ୍ରାଞ୍ଚ ଅଧିକାରୀମାନେ ବାହାରୁଛନ୍ତି।

ଢେଙ୍କାନାଳ ସହରସ୍ଥିତ ଜବାହରଚୌକ ଅଞ୍ଚଳରେ ଥିବା ଆଇସିଆଇସିଆଇ ବ୍ୟାଙ୍କ ଶାଖାରେ ୧.୦୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାର ପର୍ଦ୍ଦାଫାଶ କରାଯାଇଥିବା ବେଳେ ଏହି ଘଟଣାରେ ଗିରଫ ୩ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣି ତଦନ୍ତ ଜାରି ରଖିଛି। ଏହାର ଅଧିକ ତଦନ୍ତ ପାଇଁ ଶନିବାର ପୂର୍ବାହ୍ନ ୧୦ଟାରୁ ରାତି ୭ଟା ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ୟାଙ୍କ ଶାଖାରେ ତଦନ୍ତ କରାଯାଇଥିଲା।

ପ୍ରକାଶ ଯେ, ୨୦୨୧ ଫେବୃଆରୀ ୧ରୁ ୨୦୨୨ ଜୁନ୍ ୩୦ ମଧ୍ୟରେ ଏହି ଠକେଇ ହୋଇଥିଲା। ସେହି ସମୟରେ ବ୍ୟାଙ୍କର ରିଲେସନଶିପ୍ ମ୍ୟାନେଜର ସ୍ୱାଗତିକା ସ୍ୱାଇଁ ଓ ତାଙ୍କ ସ୍ୱାମୀ ଅନ୍ୟମାନଙ୍କ ସହ ମିଶି ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ୍ କରିଥିଲେ। କେତେଜଣ ବରିଷ୍ଠ ନାଗରିକ ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଅଜ୍ଞ ଥିବାରୁ ସେମାନଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କଠାରୁ ବ୍ୟକ୍ତିଗତ ତଥ୍ୟ ଆଣି ସ୍ୱାଗତିକା ଆକାଉଣ୍ଟ ପରିଚାଳନା କରୁଥିଲେ। ଏପରିକି ଗ୍ରାହକ ଥିବା ବରିଷ୍ଠ ନାଗରିକମାନଙ୍କ ଅଜାଣତରେ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ମଧ୍ୟ ବଦଳାଉଥିଲେ। ଗ୍ରାହକଙ୍କ ଫିକ୍ସଡ ଡିପୋଜିଟ୍‌କୁ ଓଭରଡ୍ରାଫ୍ଟ କରି ଟଙ୍କା ନେଇ ଆସୁଥିଲେ। ଏଭଳି ଠକେଇରେ ବ୍ୟାଙ୍କର ଢେଙ୍କାନାଳ ଶାଖା ଡେପୁଟି ମ୍ୟାନେଜର ମଧ୍ୟ ସମ୍ପୃକ୍ତ ଥିଲେ। ଘଟଣା ଜାଣି ଗ୍ରାହକମାନେ ଅଭିଯୋଗ କରିବା ପରେ ବ୍ୟାଙ୍କ ପକ୍ଷରୁ ଅନୁସନ୍ଧାନ କରାଯାଇଥିଲା। ଏହାପରେ ଆଇସିଆଇସିଆଇ ବ୍ୟାଙ୍କ ଫାଇନାନ୍ସିଆଲ କ୍ରାଇମ୍ ପ୍ରିଭେନସନ ଗ୍ରୁପ୍ ଆଞ୍ଚଳିକ ମୁଖ୍ୟ କ୍ରାଇମବ୍ରାଞ୍ଚରେ ମାମଲା ରୁଜୁ କରାଯାଇଥିଲା। ୨୦୨୩ ଡିସେମ୍ବର ୫ରେ କ୍ରାଇମବ୍ରାଞ୍ଚ ସାଇବର ଥାନା ପକ୍ଷରୁ ନଂ-୩୩/୨୦୨୩ରେ ମାମଲା ରୁଜୁ କରାଯାଇଥିଲା। ସେହିପରି ସ୍ୱାଗତିକା ଓ ତାଙ୍କ ସହଯୋଗୀମାନଙ୍କ ନାମରେ ୩ଟି ଠକେଇ ମାମଲା ରୁଜୁ କରାଯାଇଥିଲା। ଏହାପରେ ସ୍ୱାଗତିକା, ତାଙ୍କ ସ୍ୱାମୀ ମନୋଜ କୁମାର ସ୍ୱାଇଁ(୨୯) ଓ ଶାଖାର ଡେପୁଟି ମ୍ୟାନେଜର ପ୍ରଶାନ୍ତ କୁମାର ସାହୁଙ୍କୁ ଗିରଫ କରାଯାଇଥିଲା। ଏହାପରେ ଅଭିଯୋଗକାରୀ ତଥା ଠକେଇର ଶିକାର ହୋଇଥିବା ବ୍ୟକ୍ତିମାନଙ୍କୁ ଡାକି କ୍ରାଇମବ୍ରାଞ୍ଚ ପକ୍ଷରୁ ପଚରାଉଚରା କରାଯାଉଛି। ଘଟଣା ସମ୍ପର୍କିତ ବହୁ କାଗଜପତ୍ରକୁ ଯାଞ୍ଚ କରାଯାଉଛି। ଶାଖା ପରିଚାଳକଙ୍କ ଠାରୁ ଆରମ୍ଭ କରି କର୍ମଚାରୀମାନଙ୍କୁ ମଧ୍ୟ ପଚରାଉଚରା କରାଯାଉଛି। ଦିନତମାମ କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ୟାଙ୍କରେ ତଦନ୍ତ ଜାରି ରହିଥିଲା। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ପୋଲିସ ଅଧିକ ତଦନ୍ତ କରୁଥିବା ବେଳେ ଅଭିଯୋଗକାରୀ ଓ ବ୍ୟାଙ୍କର ଅନ୍ୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ପଚରାଉଚରା କରାଯାଉଛି ବୋଲି କ୍ରାଇମବ୍ରାଞ୍ଚ ଡିଏସ୍‌ପି ରଜତ କୁମାର ରଏ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ବାହାରୁ ଶଟର ପକାଇ ବ୍ୟାଙ୍କ ଭିତରେ ତଦନ୍ତ ଚାଲୁଥିବା ଦେଖାଯାଇଥିଲା।

# ଦୋଷୀ ସାବ୍ୟସ୍ତ ୪ଜଣଙ୍କୁ ଅର୍ଥଦଣ୍ଡ

**ସଂଘବଦ୍ଧ ଆକ୍ରମଣ ମାମଲା**

ଢେଙ୍କାନାଳ,୬।୪(ରତନ ନାୟାର)

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଅଞ୍ଚଳରେ ଘଟିଥିବା ଏକ ସଂଘବଦ୍ଧ ଆକ୍ରମଣ ମାମଲାରେ ରାୟ ଶନିବାର ପ୍ରକାଶ ପାଇଛି। ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୌରଭ ସାଗର ପ୍ରଧାନ ମାମଲାର ବିଚାର କରି ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲା ବିବରଣୀରୁ ପ୍ରକାଶ, ୨୦୨୦ ମସିହା ଅକ୍ଟୋବର ୨୯ ତାରିଖରେ ବାଡ ପକାଇବାକୁ ନେଇ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା। ଅଭିଯୋଗକାରୀ ବିନୋଦିନୀ ସ୍ୱାଇଁଙ୍କୁ ଅଭିଯୁକ୍ତ ଦେବାଶିଷ ନାୟକ(୩୯), ସୁକାନ୍ତି ନାୟକ(୩୨), ଦୀପ୍ତିମୟୀ ସାମଲ(୩୦) ଓ ଲକ୍ଷ୍ମୀଧର ନାୟକ(୭୪) ସଂଘବଦ୍ଧ ଆକ୍ରମଣ କରିଥିଲେ। ବିନୋଦିନୀଙ୍କ ସ୍ୱାମୀ ଗିରିଜାକାନ୍ତ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ବିନୋଦିନୀଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହି ଘଟଣାକୁ ନେଇ ନିହଲପ୍ରସାଦ ଥାନାରେ କେସ୍ ନଂ. ୧୨୫/୨୦୨୦ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ୮ଜଣ ସାକ୍ଷୀ ଓ ୪ଟି ଦସ୍ତାବିଜ୍ ଆଧାରରେ ଅଭିଯୁକ୍ତଙ୍କୁ ଆଇପିସି ଦଫା-୩୨୩ ଓ ୩୪ରେ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୪ଶହ ଲେଖାଏ କରି ମୋଟ୍ ୧୬ଶହ ଟଙ୍କା ଜରିମାନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧୫ଦିନ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ କ୍ୟାଡର ଏପିପି ଶାଶ୍ୱତ ଜେନା ପରିଚାଳନା କରିଥିଲେ। ଏପିପି ବିଶ୍ୱନାଥ ନାୟକ ଓ କାମାକ୍ଷାପ୍ରସାଦ ରଣା ସହଯୋଗ କରିଥିଲେ।

# କୂଅରେ ପଡ଼ି ଶିଶୁକନ୍ୟା ମୃତ

ଢେଙ୍କାନାଳ,୬।୪
(ରତନ ନାୟାର)



ଶିଶୁକନ୍ୟା ଖସିପଡ଼ିଥିବା ଗଭୀର କୂଅ।

ଢେଙ୍କାନାଳ ପୌରାଞ୍ଚଳ ୨୨ନଂ ୱାର୍ଡ ଅଳସୁଆ ନୁଆସାହି ଅଞ୍ଚଳରେ ଶନିବାର ଅଶୋକ ଭୂତିଆଙ୍କ ଝିଅ କାଜଲ ଭୂତିଆ (୧) ଏକ ୩୦ ଫୁଟ୍ ଗଭୀର କୂଅରେ ପଡି ପ୍ରାଣ ହରାଇଛନ୍ତି। ଶିଶୁକନ୍ୟାଟି କୂଅରେ ପଡିବା ପରେ ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଶିଶୁ କନ୍ୟାକୁ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟ ପଠାଇଥିଲେ। ସେଠାରେ ଡାକ୍ତରମାନେ ଶିଶୁକନ୍ୟାକୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

# ବାଇକ୍ ଦୁର୍ଘଟଣାଗ୍ରସ୍ତ, ଯୁବକ ମୃତ

ରାସୋଳ,୬।୪(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଳ ଥାନା ପୁରୁଣା କଟକ-ସମ୍ବଲପୁର ରାସ୍ତାର କୁନୁଆ ନିକଟରେ ଥିବା ଏକ ଗଛରେ ପିଟିହୋଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ୍ ଚାଳକ କୁନୁଆ ଗ୍ରାମ କାଟେଣୀ ସାହିର ଗଣ୍ଠୁ ନାୟକ(୩୫)ଙ୍କ ମୃତ୍ୟୁ ହୋଇଛି। ଗଣ୍ଠୁ ଏକ ବାଇକ୍‌ରେ ଶନିବାର ପୂର୍ବାହ୍ନରେ ଆସୁଥିବାବେଳେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲେ। ଖବରପାଇ ରାସୋଳ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହିନ୍ଦୋଳ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସ୍କୁଲ ସମୟ ପରିବର୍ତ୍ତନ, ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ

**ଢେଙ୍କାନାଳରେ ତାପମାତ୍ରା ଛୁଇଁଲା ୪୧ ଡିଗ୍ରୀ**

ଢେଙ୍କାନାଳ,୬।୪(ରତନ ନାୟାର)



ଢେଙ୍କାନାଳ ସହରରେ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ରାସ୍ତା ଖାଁ ଖାଁ ହୋଇଯାଇଛି।

ଢେଙ୍କାନାଳ ସହରରେ ତାପମାତ୍ରା ଶନିବାର ୪୧ ଡିଗ୍ରୀ ଛୁଇଁଛି। ଶୁକ୍ରବାର ଏଠାରେ ତାପମାତ୍ରା ୪୦.୬ ଡିଗ୍ରୀ ରହିଥିଲା। ଦିନକୁ ଦିନ ତାପମାତ୍ରା ବଢୁଥିବାରୁ ଏହା ସହରବାସୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ଦେଖି ଜିଲାପାଳ ଅମ୍ରିତ ଋତୁରାଜଙ୍କ ପକ୍ଷରୁ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀଯାଏ ସ୍କୁଲ ସମୟରେ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ଠାରୁ ସ୍କୁଲ ସମୟ ସକାଳ ସାଢେ ୬ରୁ ପୂର୍ବାହ୍ନ ସାଢେ ୧୦ଟା ମଧ୍ୟରେ ରଖାଯାଇଛି। ସେହିପରି ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ପାଇଁ ୨୭ଟି ଅଞ୍ଚଳକୁ ଚିହ୍ନଟ କରାଯାଇଛି। ଜନଗହଳି ସ୍ଥାନ ଗୁଡିକରେ ତୁରନ୍ତ ଜଳଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହ ସମୟରେ ଲୋକମାନଙ୍କୁ ବାହାରକୁ ନ ବାହାରିବାକୁ ସଚେତନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ସେହିପରି ପୌରସଂସ୍ଥା ପକ୍ଷରୁ ସହରସ୍ଥିତ ଦୁର୍ଗାବଜାର ଅଞ୍ଚଳରେ ଶନିବାର ଏକ ଜଳଛତ୍ର ଖୋଲାଯାଇଥିବାବେଳେ ଆଉ ୭ଟି ଜାଗାରେ ଖୋଲାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ବେଉରା ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ଜରୁରୀ ଓ ଆପତକାଳୀନ ଅଧିକାରୀ ଅଶ୍ୱିନୀ କୁମାର ଦାଶ କହିଛନ୍ତି, ଶନିବାର ତାପମାତ୍ରା ୪୧ ଡିଗ୍ରୀ ହୋଇଛି। ସ୍କୁଲଗୁଡିକର ସମୟ ମଧ୍ୟ ପରିବର୍ତ୍ତନ କରାଯାଇଥିବା ବେଳେ ଟ୍ୟାଙ୍କର ଯୋଗେ ଜଳକ୍ଲିଷ୍ଟ ଅଞ୍ଚଳକୁ ପାନୀୟଜଳ ଯୋଗାଣ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନର ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରି ଜିଲାପାଳ ଜଣାଇଛନ୍ତି, ସୋମବାରଠାରୁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ସକାଳ ସାଢେ ୬ଟାରୁ ସାଢେ ୧୦ ପର୍ଯ୍ୟନ୍ତ ଚାଲିବ।

# ତାତିଲା ଅନୁଗୋଳ, ପାରଦ ୪୩ ଉପରେ

■ଖସିପଡ଼ିଲେ ମେଡିକାଲ ସୁରକ୍ଷା କର୍ମୀ
■ବଦଳିଲା ସ୍କୁଲ ସମୟ, ସକାଳ ୬.୩୦ରୁ ୧୦ଟା ୩୦
■ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ୱାର୍ଡ ଖୋଲିଲା

ଅନୁଗୋଳ,୬।୪ (ଅମିତ କୁମାର ସାମଲ)



ଅନୁଗୋଳରେ ବଢ଼ିଚାଲିଛି ପାରଦ। କିଛିଦିନ ହେଲା ଏଠାରେ ତାତି ବଢୁଥିବା ବେଳେ ଶନିବାର ତାପମାତ୍ର ୪୩.୫ ଡିଗ୍ରୀ ରେକର୍ଡ କରାଯାଇଛି। ଫଳରେ ଦିନତମାମ ଉହଉହ ଖରା ସାଙ୍ଗକୁ ଗୁଳୁଗୁଳିରେ ସହରବାସୀ ଅଥୟ ହୋଇପଡୁଛନ୍ତି। ପୂର୍ବାହ୍ନ ୧୦ଟା ପରେ ଘରୁ ଗୋଡ଼ କଢିବା ମୁସ୍କିଲ ହୋଇପଡୁଛି। ଶୁକ୍ରବାର ସହରରେ ପାରଦ ୪୨ ଡିଗ୍ରୀ ଥିବାବେଳେ ଶନିବାର ଏଥିରେ ଦେଢ଼ ଡିଗ୍ରୀ ବୃଦ୍ଧି ଦେଖିବାକୁ ମିଳିଛି। ଆଗାମୀ ଦିନରେ ତାତି ଆହୁରି ବଢ଼ିବାକୁ ଥିବାରୁ ଏହାକୁ ନେଇ ସହରବାସୀଙ୍କ ଚିନ୍ତା ବଢ଼ିଯାଇଛି। ଏହାକୁ ନଜରରେ ରଖି ଜିଲା ପ୍ରଶାସନ ପକ୍ଷରୁ ସ୍କୁଲ ସମୟରେ ପରିବର୍ତ୍ତନ କରାଯାଇଛି। ସକାଳ ୬ଟା ୩୦ରୁ ୧୦ଟା ୩୦ ଯାଏ ସ୍କୁଲ ଚାଲିବ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରକାଶ ଯେ, ଶିଳ୍ପରେ ପରିପୂର୍ଣ୍ଣ ଅନୁଗୋଳରେ ଏବେ ପାରଦ ଉପରମୁହାଁ ହୋଇଛି। ସ୍ଥିତି ଏପରି ହୋଇଛି ଯେ ଆକାଶରୁ ଯେପରି ଅଗ୍ନି ବର୍ଷା ହେଉଥିବା ଲୋକେ ଅନୁଭବ କରୁଛନ୍ତି। ତାହା ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଥିବାରୁ ଜନଜୀବନ ଅସହ୍ୟ ହୋଇପଡ଼ିଛି। ସହରର କେତେଜଣ ଲୋକ ଅଂଶୁଘାତର ଶିକାର ହୋଇଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ଏଭଳି କି ମେଡିକାଲରେ କାର୍ଯ୍ୟ କରୁଥିବା ଜଣେ ସୁରକ୍ଷା କର୍ମୀ ମଧ୍ୟ ଅଂଶୁଘାତର ଶିକାର ହୋଇଥିଲେ। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବିଶ୍ରାମ ଦିଆଯାଇଥିବା ଜଣାପଡିଛି। ଦିନେ ଦୁଇ ଦିନ ମଧ୍ୟରେ ଖରାର ପ୍ରକୋପ ନ କମିଲେ ଅବସ୍ଥା ଅସମ୍ଭାଳ ହୋଇପଡିବ ବୋଲି ପୂର୍ବାନୁମାନ କରାଯାଉଛି। ଅନ୍ୟପକ୍ଷରେ ସ୍କୁଲରୁ ଫେରୁଥିବା ପିଲାଙ୍କୁ ନେଇ ଚିନ୍ତା ବଢ଼ିଯିବାରୁ ସମୟ ପରିବର୍ତ୍ତନ ପାଇଁ ଅଭିଭାବକମହଲରେ ଦାବି ହୋଇଥିଲା। ତେଣୁ ଜିଲାପାଳ ମହମ୍ମଦ ଅବଦଲ ଅଖତାର ସ୍କୁଲ ଗୁଡ଼ିକର ଖୋଲିବା ଓ ଛୁଟି କରିବା ସମୟରେ ପରିବର୍ତ୍ତନ କରିଛନ୍ତି। ସେହିପରି ଅଂଶୁଘାତ ପ୍ରତି ସତର୍କ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ଜରୁରୀ କାମରେ ଘରୁ ବାହାରକୁ ବାହାରିଲେ ଗାମୁଛା, ଛତା, ପାଣି ବୋତଲ ନେଇ ଯିବାକୁ ସଚେତନ କରାଯାଇଛି। ଅଂଶୁଘାତ ମୁକାବିଲା କରିବାକୁ ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ୱାର୍ଡ ମଧ୍ୟ ଖୋଲାଯାଇଛି।

# ଜଳଛତ୍ର ନ ଥିବାରୁ ବାଟୋଇ ଉହଲବିକଳ

ଅନୁଗୋଳ,୬।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ପ୍ରଚଣ୍ଡ ତାତି ଅନୁଭୂତ ହେଉଥିବା ବେଳେ ବଅଁରପାଳ ଅଞ୍ଚଳରେ ଏଯାଏ ଜଳଛତ୍ର ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଏହି ନିର୍ଘାତ ଖରାରେ ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ପାଣି ପାଇଁ ଉହଲବିକଳ ହେଉଛନ୍ତି। ପ୍ରତି ବର୍ଷ ବ୍ଲକ ସମ୍ମୁଖରେ, ବଳରାମପ୍ରସାଦ ରେଲୱେ ଫାଟକ ନିକଟରେ ଏବଂ ଅନ୍ୟାନ୍ୟ ସ୍ଥାନରେ ବ୍ଲକ ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲାଯାଉଥିଲା। ହେଲେ ଚଳିତ ବର୍ଷ ଏହା ଦେଖିବାକୁ ମିଳିନାହିଁ। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଯଥାଶୀଘ୍ର ଜଳଛତ୍ର ଖୋଲିବା ପାଇଁ ଦାବି ହୋଇଛି। ସେହିପରି ବଅଁରପାଳ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ଶୁକ୍ରବାର ରାତି ତମାମ ବଅଁରପାଳ ଠାରୁ ନୂଆହତା ଛକ ପର୍ଯ୍ୟନ୍ତ ରାଜପଥ ଜାମ୍ ରହିବାରୁ ଲୋକେ ବଡ଼ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଗାଡ଼ି ଚଳାଚଳ କିରପି ସୁଗମ ହେବ ସେ ନେଇ ପ୍ରଶାସନ କି ପୋଲିସ ପକ୍ଷରୁ ଆବଶ୍ୟକ ତତ୍ପରତା ପ୍ରକାଶ ପାଉ ନ ଥିବାରୁ ନୂଆହତା ଛକରୁ ସ୍ଥାନୀୟ ଅଧିବାସୀ ଗାଁ ଭିତରକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ନିର୍ଯାତନା ଯୋଗୁ ଆତ୍ମହତ୍ୟା ଅଭିଯୋଗ

କଣିହାଁ,୬।୪(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ଥାନା ଶୁଆଝରି ଗ୍ରାମର ଅଜୟ ବିଶ୍ୱାଳଙ୍କ ସ୍ତ୍ରୀ ମନୋରମା ପ୍ରଧାନ ଶୁକ୍ରବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଅଧିକ ଯୌତୁକ ଦାବି କରି ଶାଶୂ, ଶ୍ୱଶୁର, ସ୍ୱାମୀ ମାନସିକ, ଶାରୀରିକ ନିର୍ଯାତନା ଦେଉଥିବା ଯୋଗୁ ମନୋରମା ଆତ୍ମହତ୍ୟା କରିଥିବା ତାଙ୍କ ଭାଇ ପ୍ରିୟଜ ପ୍ରଧାନ ଶନିବାର ରେଙ୍ଗାଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ୍ ସହାୟତାରେ ଯାଞ୍ଚ ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡା ଡାକ୍ତରଖାନା ପଠାଯାଇଛି। ଏହି ଘଟଣାରେ ପୋଲିସ ସ୍ୱାମୀ ଅଜୟ ବିଶ୍ୱାଳ ଓ ଶ୍ୱଶୁର କୈଳାସ ବିଶ୍ୱାଳଙ୍କୁ ଥାନାକୁ ଆଣି ଅଧିକ ପଚରାଉଚରା କରୁଥିବା ରେଙ୍ଗାଳି ଥାନା ଆଇଆଇସି ଜୟନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃଆରୀ ମାସରେ ବୈଦିକ ରୀତିରେ ଓଳନ୍ଦା ଗାଁର ମନୋରମା ପ୍ରଧାନ ଶୁଆଝରି ଗ୍ରାମର ଅଜୟ ବିଶ୍ୱାଳଙ୍କୁ ବିବାହ କରିଥିଲେ।

# ଯୁବକଙ୍କୁ ଭୁଜାଲିରେ ଆକ୍ରମଣ ଅଭିଯୋଗ

ବଇଣ୍ଡା,୬।୪(ପରିକ୍ଷିତ ସାହୁ)

କିଶୋରନଗର ଥାନା ଭୀମପୁର ଗ୍ରାମର ପ୍ରଶାନ୍ତ ନାୟକଙ୍କୁ ସେହି ଅଞ୍ଚଳର ଗୁଣନିଧି ସାମଲ ଏକ ଭୁଜାଲିରେ ଆକ୍ରମଣ କରିଥିବା ଶୁକ୍ରବାର କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୮୦/୨୪ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ପ୍ରଶାନ୍ତ ଦଣ୍ଡ ଦେଖୁଥିବାବେଳେ କୌଣସି କାରଣ ନ ଥାଇ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଭୁଜାଲି ଆକ୍ରମଣରେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିବା ଜଣାପଡିଛି।

# ଡ୍ରେନ୍‌ରେ ନିଷ୍କାସନ ହୋଇପାରୁନି ଆବର୍ଜନା ପାଣି

■ସହରର ପ୍ରମୁଖ ରାସ୍ତାରେ ଚାଲିଲା ନର୍ଦ୍ଦମା ଜଳ
■୩ ବିଭାଗ ପରସ୍ପର ଉପରେ ଦୋଷ ଲଦାଲଦି

ଢେଙ୍କାନାଳ,୬।୪(ରତନ ନାୟାର)



ଢେଙ୍କାନାଳ ପୌରାଞ୍ଚଳ ୨ନଂ. ୱାର୍ଡର କୁଞ୍ଜକାନ୍ତ ଅଞ୍ଚଳ ଦେଇ ଯାଇଥିବା ସହରର ପ୍ରମୁଖ ରାସ୍ତା କଡରେ ଥିବା ଡ୍ରେନ୍‌ରେ ଅଳିଆ ଆବର୍ଜନା ପାଣି ନିଷ୍କସିତ ହୋଇ ନ ପାରି ସପ୍ତାହେ ହେଲା ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଡ୍ରେନ୍‌ରେ ଅଳିଆ ଆବର୍ଜନା ପାଣି ଭର୍ତ୍ତି ହୋଇ ଉଚ୍ଛୁଳିବାରେ ଲାଗିଲାଣି। ଫଳରେ ଡ୍ରେନ୍‌କୁ ଲାଗି ସହରର ପ୍ରମୁଖ ରାସ୍ତା ଉପରେ ନର୍ଦ୍ଦମା ପାଣି ଚାଲୁଥିବାରୁ ରାସ୍ତାରେ ଚଳପ୍ରଚଳ କରିବାରେ ସମସ୍ୟା ସୃଷ୍ଟି ହେଲାଣି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ, ପୌରସଂସ୍ଥା ଓ ଜନସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ସମସ୍ୟାର ସମାଧାନ ପରିବର୍ତ୍ତେ ୩ଟି ଯାକ ବିଭାଗ ପରସ୍ପର ଉପରେ ଦୋଷ ଲଦିବାରେ ବ୍ୟସ୍ତ। ଏହାକୁ ନେଇ ସହରରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଉକ୍ତ ଡ୍ରେନ୍ ନିକଟରେ କୁଞ୍ଜକାନ୍ତ ରାଧାକୃଷ୍ଣଙ୍କ ମନ୍ଦିର ରହିଥିବା ବେଳେ ଶିକ୍ଷାନୁଷ୍ଠାନ ସମେତ ସଦର ବ୍ଲକ କାର୍ଯ୍ୟାଳୟ ଓ ମତ୍ସ୍ୟ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ରହିଛି। ସେହିପରି ନିକଟରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ ଆମିଷ ଦୋକାନ ରହିଛି। ଡ୍ରେନ୍‌ରୁ ପୁଳା ପୁଳା ଆବର୍ଜନା ମଇଳା ପାଣି ସହିତ ଉଚ୍ଛୁଳି ରାସ୍ତା ଉପରେ ଜମି ରହିଛି। ଫଳରେ ପରିବେଶ ଦୂଷିତ ହେବାରେ ଲାଗିଛି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ବେଉରା କହିଛନ୍ତି, ପୂର୍ତ୍ତ ବିଭାଗ ରାସ୍ତା ଓ କଲଭର୍ଟ ମରାମତି ସମୟରେ ଡ୍ରେନ୍ ନିକଟସ୍ଥ ସ୍ଥାନକୁ ଉଚ୍ଚା କରିଦିଆଯାଇଛି। ଥରେ ଦୁଇଥର ଅଳିଆ ଆବର୍ଜନକୁ କାଢି ସାରିଲୁଣି। ପୁଣି ଡ୍ରେନ୍ ଚୋକ୍ ହେଉଥିବା ଖବର ମିଳିଛି। ଜନସ୍ୱାସ୍ଥ୍ୟ ବିଭାଗ ଓ ପୂର୍ତ୍ତ ବିଭାଗ ସହ ଆଲୋଚନା କରି ପଦକ୍ଷେପ ନିଆଯିବ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ କହିଛନ୍ତି, ରାସ୍ତା କଡରେ ଥିବା ଡ୍ରେନ୍ ଭିତରେ ଜନସ୍ୱାସ୍ଥ୍ୟ ବିଭାଗର ପାନୀୟ ଯୋଗାଣ ପାଇଁ ଏକ ପାଇପ୍ ଯାଇଥିବାରୁ ଏହାକୁ ମରାମତି କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଆମେ ଜନସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ଜଣାଇଛୁ। ଯୋଜନା ବିହୀନ ଭାବରେ ସହରକୁ ପାନୀୟଜଳ ଯୋଗାଣ ହେଉଥିବା ପାଇପ୍‌କୁ ଅଳିଆ ଅବର୍ଜନା ଜଳ ନିଷ୍କାସନ ହେଉଥିବା ଡ୍ରେନ୍ ମଧ୍ୟ ଦେଇ ନିଆଯିବା ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ, ପୌରସଂସ୍ଥା କର୍ତ୍ତୃପକ୍ଷ ଓ ଜନସ୍ୱାସ୍ଥ୍ୟ ବିଭାଗ ସମନ୍ୱୟ ରଖି ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

